# NATIONAL NEWS BULLETIN (ODIA)

## 13 September - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଆୟୁଷ୍ମାନ୍ ଭାରତ ଜନଆରୋଗ୍ୟ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକଙ୍କୁ ଯୋଗାଇ ଦିଆଯିବ ସ୍ୱତନ୍ତ୍ର କାର୍ଡ ।
- ବିମାନ ଚଳାଚଳ କ୍ଷେତ୍ରକୁ ଏକ ନୂତନ ଶିଖରରେ ପହଞ୍ଚାଇବା ଲାଗି ଦିଲ୍ଲୀ ଘୋଷଣାପତ୍ର ରୋଡ୍ ମ୍ୟାପ୍ ଭାବେ କାର୍ଯ୍ୟ କରିବ – କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ଲାଗି ଭାରତ ଓ ଚୀନ୍ ତତ୍ପରତାର ସହ କାର୍ଯ୍ୟ କରିବା ଲାଗି ସହମତ ।
- ହରିଆଣା ଏବଂ ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶେଷ, ଆଜି ହେବ ଯାଞ୍ଚ ।

ଏବଂ

- ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ ପାଇଁ ଡାକ ମତଦାନ ଶେଷ ।

# ପିଏମ୍‌ଜେଏୱାଇ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକଙ୍କୁ ଏକ ନୂତନ, ସ୍ୱତନ୍ତ୍ର କାର୍ଡ ପ୍ରଦାନ କରାଯିବ । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଆଧାର କାର୍ଡ ଅନୁଯାୟୀ ୭୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ଯେ କୌଣସି ବ୍ୟକ୍ତି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ଲାଗି ଆବେଦନ କରିପାରିବେ। ସପ୍ତାହକ ମଧ୍ୟରେ ଏହି ଯୋଜନା ପରିଚାଳନାକ୍ଷମ  ହେବ ବୋଲି ଆଶା କରାଯାଉଛି। ଏଥିପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କୁ ପୋର୍ଟାଲରେ ପଞ୍ଜୀକରଣ କରିବା ଆବଶ୍ୟକ । ପୋର୍ଟାଲରେ ଫେସ୍ ଅଥେଣ୍ଟିକେସନ୍ ପ୍ରଦାନ କରାଯିବ ଏବଂ ୭୦ ବର୍ଷରୁ ଅଧିକ ବୟସ୍କ ବରିଷ୍ଠ ନାଗରିକଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ଲିଙ୍କ୍ ରହିବ। ଘରୋଇ ବୀମା ଏବଂ କର୍ମଚାରୀ ରାଜ୍ୟ ବୀମା ନିଗମ ହିତାଧିକାରୀମାନେ ମଧ୍ୟ ଏହି ଯୋଜନା ପାଇଁ ଆବେଦନ କରିପାରିବେ । କେନ୍ଦ୍ର କ୍ୟାବିନେଟ୍ ଗତ ବୁଧବାର ଦିନ ୩ ହଜାର ୪୩୭ କୋଟି ଟଙ୍କା ବ୍ୟୟଅଟକଳରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଆୟ ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ବୟସ୍କ ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମାକୁ ଅନୁମୋଦନ କରିଛି। ଏହି ଅଭିଯାନରେ ଦେଶର ପ୍ରାୟ ସାଢ଼େ ୪ କୋଟି ପରିବାର ୬ କୋଟି ବରିଷ୍ଠ ନାଗରିକ ସାମିଲ ହେବେ।

# ପି.ଏମ୍.-ଏସିଆ-ପାସିଫିକ୍ କନ୍ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତରେ ବିମାନ ଚଳାଚଳ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଦେଖିବାକୁ ମିଳୁଛି। ନାଗରିକଙ୍କର ସହଜ ଯାତ୍ରା ଏବଂ ଏ କ୍ଷେତ୍ରରେ ଯୋଗାଯୋଗ ବୃଦ୍ଧି ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବେସାମରିକ ବିମାନ ଚଳାଚଳ ସମ୍ପର୍କିତ ଦ୍ୱିତୀୟ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ମନ୍ତ୍ରିସ୍ତରୀୟ ସମ୍ମିଳନୀକୁ ସମ୍ବୋଧନ ।କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଦିଲ୍ଲୀ ଘୋଷଣା ପତ୍ର ସମ୍ପର୍କରେ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଘୋଷଣା କରିଛନ୍ତି । ବିମାନ ଚଳାଚଳ କ୍ଷେତ୍ରକୁ ଏକ ନୂତନ ଶିଖରରେ ପହାଇଞ୍ଚିବା ଦିଗରେ ଏହି ଘୋଷଣା ପତ୍ର ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡ୍‌ମ୍ୟାପ୍ ଭାବେ କାର୍ଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ନୀତି ଆୟୋଗ ରିପୋର୍ଟ

ନୀତି ଆୟୋଗ "ଭବିଷ୍ୟତ ମହାମାରୀ ପ୍ରସ୍ତୁତି ଏବଂ ଜରୁରୀକାଳୀନ ବ୍ୟବସ୍ଥା, କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଢାଞ୍ଚା" ଶୀର୍ଷକ ବିଶେଷଜ୍ଞ କମିଟି ରିପୋର୍ଟ ଜାରି କରିଛି। ଭବିଷ୍ୟତରେ କୌଣସି ପ୍ରକାର ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ମାର୍ଗଦର୍ଶନ ସହ ଏହା ତ୍ୱରିତ

ପଦକ୍ଷେପ ଗ୍ରହଣ କରିବାକୁ ସହାୟକ ହେବ। କୋଭିଡ୍-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ନୀତି ଆୟୋଗ ଭବିଷ୍ୟତରେ ସମ୍ଭାବ୍ୟ ମହାମାରୀର ମୁକାବିଲା ପାଇଁ ଏକ ଢାଞ୍ଚା ପ୍ରସ୍ତୁତ କରିବାକୁ ବିଶେଷଜ୍ଞ କମିଟି ଗଠନ କରିଥିଲା। ପ୍ରଭାବଶାଳୀ ପରିଚାଳନା ପାଇଁ ସଂକ୍ରମଣର ପ୍ରଥମ ୧୦୦ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ରିପୋର୍ଟରେ ଦର୍ଶାଯାଇଛି। ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ଉପରେ ଏହି ରିପୋର୍ଟରେ ଏକ ରୋଡ୍ ମ୍ୟାପ ପ୍ରସ୍ତୁତ କରାଯାଇଛି।

## ଇଣ୍ଡିଆ-ଚାଇନା

ଭାରତ ଓ ଚୀନ୍ ଅବଶିଷ୍ଟ ଅଞ୍ଚଳରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ପାଇଁ ତତ୍ପରତାର ସହ କାର୍ଯ୍ୟ କରିବା ଏବଂ ସେମାନଙ୍କ ପ୍ରୟାସକୁ ଦ୍ୱିଗୁଣିତ କରିବାକୁ ରାଜି ହୋଇଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା ପଲିଟିକାଲ ବ୍ୟୁରୋର ସଦସ୍ୟ ତଥା କେନ୍ଦ୍ରୀୟ ବୈଦେଶିକ ବ୍ୟାପାର ଆୟୋଗ କାର୍ଯ୍ୟାଳୟର ନିର୍ଦ୍ଦେଶକ ୱାଙ୍ଗ୍ ୟିଙ୍କ ମଧ୍ୟରେ ଗତକାଲି ରୁଷର ସେଣ୍ଟ ପିଟର୍ସବର୍ଗଠାରେ ଅନୁଷ୍ଠିତ ବୈଠକରୁ ଜଣାପଡ଼ିଛି । ସୁରକ୍ଷା ପ୍ରସଙ୍ଗରେ ଦାୟିତ୍ୱରେ ଥିବା ବ୍ରିକ୍ସର ଉଚ୍ଚଦସ୍ଥ ଅଧିକାରୀ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ବୈଠକ ଅବସରରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ବୈଠକରେ

ଅଜିତ ଡୋଭାଲ କହିଥିଲେ ଯେ ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ କରିବା ଲାଗି ସୀମାନ୍ତ ଅଞ୍ଚଳରେ ଶାନ୍ତି ଏବଂ ବାସ୍ତବ ନିୟନ୍ତ୍ରଣ ରେଖାକୁ ସମ୍ମାନ ଦେବା ଜରୁରୀ। ଉଭୟ ପକ୍ଷ ଅତୀତରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତି, ପ୍ରୋଟୋକଲ୍ ଏବଂ ବୁଝାମଣାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏକ ବିବୃତ୍ତିରେ କହିଛି ଯେ ଭାରତ-ଚୀନ୍ ଦ୍ୱିପାକ୍ଷିକ ସମ୍ପର୍କ କେବଳ ଦୁଇ ଦେଶ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ।

## ଜାମ୍ମୁ-କାଶ୍ମୀର ଇଲେକ୍ସନ

ହରିୟାଣା ବିଧାନସଭା ଏବଂ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିମନ୍ତେ ଗତକାଲି ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ଆଜି ଉଭୟ ରାଜ୍ୟର ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ କରାଯିବ। ସେପ୍ଟେମ୍ବର ୧୬ ତାରିଖ ଦିନ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନ ଧାର୍ଯ୍ୟ କରାଯାଇଥିବାବେଳେ ଜାମ୍ମୁ କାଶ୍ମୀର ବିଧାନସଭା ଆସନର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୧୭ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ। ସୂଚନାଯୋଗ୍ୟ, ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ପାଇଁ ଆସନ୍ତା ମାସ ୫ ତାରିଖରେ ଭୋଟ୍‌ଗ୍ରହଣ କରାଯିବ।

ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୪୦ଟି ବିଧାନସଭା ଆସନ ପାଇଁ ଅକ୍ଟୋବର ପହିଲାରେ ମତଗ୍ରହଣ କରାଯିବ। ଜାମ୍ମୁକାଶ୍ମୀରରେ  ପ୍ରଥମ ପର୍ଯ୍ୟାୟ ମତଦାନ ଆସନ୍ତା ୧୮ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୨୫ ତାରିଖରେ ଅନୁଷ୍ଠିତ ହେବ।

## ଓଡ଼ିଶା-ଅଗ୍ନିବୀର

ଓଡ଼ିଶା ସରକାର ୟୁନିଫର୍ମ ଯୁକ୍ତ ସେବାରେ ପୂର୍ବତନ ଅଗ୍ନିବୀରଙ୍କ ଶାରୀରିକ ପରୀକ୍ଷାରୁ ମୁକ୍ତି ସହିତ ୧୦ ପ୍ରତିଶତ ସଂରକ୍ଷଣ ଏବଂ ୩ ବର୍ଷ ବୟସ କୋହଳ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତି ଦ୍ୱାରା ପୂର୍ବତନ ଅଗ୍ନିବୀରମାନଙ୍କୁ ପୁଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଅନ୍ୟ କୌଣସି ସେବାରେ ଚାକିରି ମିଳିବ। ପୂର୍ବତନ ଅଗ୍ନିବୀରଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ସିଧାସଳଖ ନିଯୁକ୍ତିରେ ସମସ୍ତ ଗ୍ରୁପ୍ ସି ଓ ଡି ପଦବୀରେ ଲାଗୁ ହେବ।

# ଜିତେନ୍ଦ୍ର ସିଂହ

ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଫୋର୍ ପଏଣ୍ଟ ଜିରୋର ଅଗ୍ରଗତି ଉପରେ ନଜର ରଖିବା ପାଇଁ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଆଜି ଏକ ଉତ୍ସର୍ଗୀକୃତ ଅନଲାଇନ୍ ପୋର୍ଟାଲର ଶୁଭାରମ୍ଭ କରିବେ । ଏହି ସ୍ୱତନ୍ତ୍ର ଅଭିଯାନର ଉଦ୍ଦେଶ୍ୟ ହେଉଛି କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟରେ ସ୍ୱଚ୍ଛତାକୁ ଏକ ନିରୀକ୍ଷଣ କରିବା । ସ୍ୱଚ୍ଛତାକୁ ଅନୁଷ୍ଠାନିକ ରୂପ ଦେବା ପାଇଁ ସରକାର ପ୍ରତିବର୍ଷ ଅକ୍ଟୋବର ୨ରୁ ୩୧ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସ୍ୱତନ୍ତ୍ର ଅଭିଯାନ ଫୋର୍ ପଏଣ୍ଟ ଜିରୋ ପୂର୍ବରୁ ସେପ୍ଟେମ୍ବର ୧୬ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ପ୍ରସ୍ତୁତି ପର୍ଯ୍ୟାୟ ଅନୁଷ୍ଠିତ ହେବ।

# ଇଣ୍ଡିଆ-ରୁଷ

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରୁଷ ଗସ୍ତ ପରଠାରୁ ୩୫ ଜଣ ଭାରତୀୟ ନାଗରିକଙ୍କୁ ସେଠାକାର ସେନାରୁ ମୁକ୍ତ କରାଯାଇଛି । ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ପ୍ରାୟ ୫୦ ଜଣ ଭାରତୀୟ ନାଗରିକ ଏବେ ମଧ୍ୟ ରୁଷ ସେନାରେ ଅଛନ୍ତି ଏବଂ ସେମାନଙ୍କୁ ଯଥାଶୀଘ୍ର ମୁକ୍ତ କରିବା ଲାଗି ନୂଆଦିଲ୍ଲୀ ପକ୍ଷରୁ ପ୍ରୟାସ କରାଯାଉଛି। ଏ ପର୍ଯ୍ୟନ୍ତ

ମୁକ୍ତ ହୋଇଥିବା ଭାରତୀୟଙ୍କ ସଂଖ୍ୟା ୪୫ରେ ପହଞ୍ଚିଛି ଏବଂ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ୧୦ ଜଣ ଭାରତୀୟଙ୍କୁ ମୁକ୍ତ କରାଯାଇଥିଲା ।

# ବ୍ରିକ୍ସ

ରୁଷର ସେଣ୍ଟପିଟର୍ସବର୍ଗରେ ବ୍ରିକ୍ସ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତାଙ୍କ ବୈଠକ ଅବସରରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ସାକ୍ଷାତ କରିଛନ୍ତି। ସାମାଜିକ ଗଣମାଧ୍ୟମ ଟେଲିଗ୍ରାମରେ ପ୍ରକାଶିତ ଏକ ବିବୃତିରେ ଭାରତସ୍ଥିତ ରୁଷୀୟ ଦୂତାବାସ କହିଛି ଯେ ଶ୍ରୀ ଡୋଭାଲଙ୍କ ସହ ସାକ୍ଷାତ ସମୟରେ ରାଷ୍ଟ୍ରପତି ପୁଟିନ୍ ଭାରତ ଏବଂ ରୁଷ୍ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀକୁ ପ୍ରଶଂସା କରିବା ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ଅକ୍ଟୋବର ୨୨ରେ କାଜାନରେ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାକୁ ରୁଷ ରାଷ୍ଟ୍ରପତି ପ୍ରସ୍ତାବ ଦେଇଥିଲେ ।

# ରାଜୀବ ରଞ୍ଜନ- ମନସୁନ୍ ମିଟ୍

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ପ୍ରାଣୀ ସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ମୌସୁମୀ ବୈଠକ

ଅନୁଷ୍ଠିତ ହେବ। କେନ୍ଦ୍ର ମତ୍ସ୍ୟଚାଷ, ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଏଥିରେ ଅଧ୍ୟକ୍ଷତା କରିବେ। ଏ କ୍ଷେତ୍ରରେ ନିଆଯାଉଥିବା କାର୍ଯ୍ୟକ୍ରମର ତୃଣମୂଳସ୍ତରରେ ଫଳପ୍ରଦ ରୂପାୟନ ପାଇଁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ଏକ ସମନ୍ୱୟ ଢାଞ୍ଚା ପ୍ରସ୍ତୁତ କରିବା ଏହି ବୈଠକ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ର ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି.ସିଂ ବାଘେଲ, ଜର୍ଜ କୁରିଏନ୍ ତଥା ବିଭାଗୀୟ ଉଚ୍ଚପଦାଧିକାରୀ ଯୋଗଦେବେ। ମତ୍ସ୍ୟଚାଷ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ଅଧୀନସ୍ଥ ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ବିଭାଗ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଛି।

ସୂଚନାଯୋଗ୍ୟ, ୨୦୧୪-୧୫ରୁ ୨୦୨୨-୨୩ ମଧ୍ୟରେ ପ୍ରାଣୀ ସମ୍ପଦ କ୍ଷେତ୍ର ୯ ପ୍ରତିଶତ ଚକ୍ରବୃଦ୍ଧି ବାର୍ଷିକ ହାରରେ ବିକଶିତ ହୋଇଛି। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ମୋଟ୍ ମୂଲ୍ୟବୃଦ୍ଧିରେ ଏହାର ଯଥେଷ୍ଟ ଅବଦାନ ରହିଥିବା ଜଣାପଡ଼ିଛି। ପ୍ରାଣୀ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ବିଭାଗର ୧୦୦ ଦିନିଆ କାର୍ଯ୍ୟ ଯୋଜନାର ଅଂଶସ୍ୱରୂପ ଅନେକ ପ୍ରମୁଖ ଘୋଷଣା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଏହି ବୈଠକରେ ଆରମ୍ଭ କରାଯିବାର ସମ୍ଭାବନା ରହିଛି।

# ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ

ଶ୍ରୀଲଙ୍କାରେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ପାଇଁ ଗତକାଲି ଡାକ ମତଦାନ ଶେଷ ହୋଇଛି। ସେପ୍ଟେମ୍ବର ୪, ୫ ଓ ୬ ତାରିଖରେ ଡାକ ମତଦାନ ହୋଇଥିଲା ଏବଂ ସେହି ତାରିଖରେ ମତଦାନ କରିପାରିନଥିବା ଭୋଟରଙ୍କ ପାଇଁ ସେପ୍ଟେମ୍ବର ୧୧ ଓ ୧୨ ତାରିଖରେ ସୁଯୋଗ ଦିଆଯାଇଥିଲା । ସ୍ଥାନୀୟ ଗଣମାଧ୍ୟମ ସୂଚନା ଅନୁଯାୟୀ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ୬ଲକ୍ଷ ୯୪ ହଜାରରୁ ଅଧିକ ପୋଷ୍ଟାଲ୍ ବାଲାଟ୍ ପେପର୍ ମିଳିସାରିଛି । ସେଥିମଧ୍ୟରୁ ୯୫ ପ୍ରତିଶତ ମତଦାନ ଜିଲ୍ଲା ରିଟର୍ଣ୍ଣିଂ ଅଫିସରଙ୍କ ନିକଟକୁ ପଠାଯାଇଥିବା ଜଣାପଡ଼ିଛି ।